# Official Spokesperson's response to media queries seeking comments on the statement issued on 19 June by the Chinese Spokesperson on the events in the Galwan valley area

June 20, 2020

## ଗଲୱାନ ଉପତ୍ୟକା ଅଞ୍ଚଳରେ ଘଟିଥିବା ଘଟଣାକ୍ରମ ଉପରେ ଚୀନ ମୁଖପାତ୍ରଙ୍କ ଦ୍ୱାରା 19 ଜୁନରେ ଜାରି ବିବୃତ୍ତି ପ୍ରସଙ୍ଗରେ ଗଣମାଧ୍ୟମର ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

ଜୁନ 20, 2020

**19 ଜୁନରେ ଗଲୱାନ ଉପତ୍ୟକା ଅଞ୍ଚଳରେ ଘଟିଥିବା ଘଟଣାକ୍ରମ ସମ୍ପର୍କରେ ଚୀନ ମୁଖପାତ୍ର ଦେଇଥିବା ବିବୃତ୍ତି ଉପରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅନୁରାଗ ଶ୍ରୀବାସ୍ତବ କହିଛନ୍ତିଯେ,**

"ଗଲୱାନ ଉପତ୍ୟକା ଅଞ୍ଚଳର ସ୍ଥିତି ଐତିହାସିକ ଭାବେ ସ୍ୱଷ୍ଟ ହୋଇଛି। ସେଠାରେ ଏଲଏସି ବା ବାସ୍ତବ ନିୟନ୍ତ୍ରଣ ରେଖାକୁ ନେଇ ଚୀନ ପକ୍ଷରୁ ବର୍ତ୍ତମାନ କରାଯାଉଥିବା ଅତ୍ୟଧିକ ତଥା ଅସମ୍ଭବ ଦାବି ଗ୍ରହଣୀୟ ନୁହେଁ। ଏହା ଚୀନର ଅତୀତର ନିଜସ୍ୱ ସ୍ଥିତି ଅନୁଯାୟୀ ନୁହେଁ।

ଗଲୱାନ ଉପତ୍ୟକା ସମେତ ଭାରତ-ଚୀନ ସୀମାନ୍ତ ଅଞ୍ଚଳର ସମସ୍ତ କ୍ଷେତ୍ରରେ ବାସ୍ତବ ନିୟନ୍ତ୍ରଣ ରେଖାର ସ୍ଥିତି ସହିତ ଭାରତୀୟ ସୈନ୍ୟମାନେ ସମ୍ପୂର୍ଣ୍ଣ ପରିଚିତ। ସେମାନେ ଅନ୍ୟତ୍ର ଯେପରି କରନ୍ତି, ଏଠାରେ ମଧ୍ୟ ସେହିପରି ବାସ୍ତବ ନିୟନ୍ତ୍ରଣ ରେଖାକୁ ସମ୍ମାନ ଏବଂ ପାଳନ କରନ୍ତି। ଭାରତୀୟ ପକ୍ଷ ବାସ୍ତବ ନିୟନ୍ତ୍ରଣ ରେଖା ପାରକରି କୌଣସି କାର୍ଯ୍ୟ କରିନାହାଁନ୍ତି। ବାସ୍ତବରେ, କୌଣସି ଅଘଟଣ ବିନା ସେମାନେ ଦୀର୍ଘ ସମୟ ଧରି ଏହି ଅଞ୍ଚଳରେ ପାଟ୍ରୋଲିଂ କରିଆସୁଛନ୍ତି। ଭାରତୀୟ ପକ୍ଷ ଦ୍ୱାରା ନିର୍ମିତ ସମସ୍ତ ଭିତ୍ତିଭୂମି ସ୍ୱାଭାବିକ ଭାବରେ ବାସ୍ତବ ନିୟନ୍ତ୍ରଣ ରେଖାର ନିଜସ୍ୱ ପାର୍ଶ୍ୱରେ ଅଛି।

ମେ 2020 ଆରମ୍ଭରୁ ଚୀନ ପକ୍ଷ ଏହି ଅଞ୍ଚଳରେ ଭାରତର ସାଧାରଣ ତଥା ପାରମ୍ପାରିକ ପାଟ୍ରୋଲିଂ ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଛି। ଏହା ଫଳରେ ଏକ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା ଯାହା ଦ୍ୱିପାକ୍ଷିକ ଚୁକ୍ତିନାମା ଏବଂ ପ୍ରୋଟୋକଲ ଅନୁଯାୟୀ ଗ୍ରାଉଣ୍ଡ କମାଣ୍ଡରଙ୍କ ଦ୍ୱାରା ସମାଧାନ କରାଯାଇଥିଲା। ଭାରତ ଏକପାଖିଆ ଭାବରେ ଯଥାସ୍ଥିତି ପରିବର୍ତ୍ତନ କରୁଥିବାର ଦାବିକୁ ଆମେ ଗ୍ରହଣ କରୁନାହୁଁ। ବରଂ ଆମେ ଯଥାସ୍ଥିତି ବଜାୟ ରଖିଥିଲୁ।

ପରବର୍ତ୍ତୀ ସମୟରେ ମେ ମାସ ମଧ୍ୟଭାଗରେ ଚୀନ ପକ୍ଷ ଭାରତ-ଚୀନ ସୀମାବର୍ତ୍ତୀ ପଶ୍ଚିମ କ୍ଷେତ୍ରର ଅନ୍ୟ ଅଞ୍ଚଳରେ ବାସ୍ତବ ନିୟନ୍ତ୍ରଣ ରେଖାକୁ ଉଲ୍ଲଂଘନ କରିବାକୁ ଚେଷ୍ଟା କରିଥିଲା। ଏହି ପ୍ରୟାସ ବିଫଳ କରିବା ପାଇଁ ଆମେ ସର୍ବଦା ଉପଯୁକ୍ତ ଜବାବ ଦେଇଛୁ। ଏହା ପରେ ଉଭୟ ପକ୍ଷ ବାସ୍ତବ ନିୟନ୍ତ୍ରଣ ରେଖା ଉପରେ ଚୀନର କାର୍ଯ୍ୟକଳାପରୁ ସୃଷ୍ଟି ହୋଇଥିବା ପରିସ୍ଥିତିର ସମାଧାନ ପାଇଁ ପ୍ରତିଷ୍ଠିତ କୂଟନୈତିକ ଏବଂ ସାମରିକ ସ୍ତରରେ ଆଲୋଚନା କରିଥିଲେ।

ସିନିୟର କମାଣ୍ଡରମାନେ 6 ଜୁନ 2020 ରେ ବୈଠକ କରିଥିଲେ ଏବଂ ବାସ୍ତବ ନିୟନ୍ତ୍ରଣ ରେଖା ନିକଟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଦୂର କରିବା ଏବଂ ସୈନ୍ୟ ପ୍ରତ୍ୟାହାର କରିବା ପାଇଁ ଏକ ପ୍ରକ୍ରିୟା ଉପରେ ସହମତ ହୋଇଥିଲେ ଯାହା ପାରସ୍ପରିକ କାର୍ଯ୍ୟକଳାପ ସହିତ ସମ୍ପୃକ୍ତ ଥିଲା। ଉଭୟ ପକ୍ଷ ବାସ୍ତବ ନିୟନ୍ତ୍ରଣ ରେଖାକୁ ସମ୍ମାନ ଏବଂ ପାଳନ କରିବାକୁ ସହମତ ହୋଇଥିଲେ ଏବଂ ଯଥାସ୍ଥିତିରେ ପରିବର୍ତ୍ତନ ଆଣିବା

ପାଇଁ କୌଣସି କାର୍ଯ୍ୟକଳାପ ନକରିବା ପାଇଁ ସହମତ ହୋଇଥିଲେ।  ପରନ୍ତୁ ଚୀନ ପକ୍ଷ ଗଲୱାନ ଉପତ୍ୟକା ଅଞ୍ଚଳରେ ବାସ୍ତବ ନିୟନ୍ତ୍ରଣ ରେଖା ସମ୍ବନ୍ଧିତ ହୋଇଥିବା ବୁଝାମଣାରୁ ଓହରି ଯାଇ ବାସ୍ତବ ନିୟନ୍ତ୍ରଣ ରେଖା ନିକଟରେ ନିର୍ମାଣ କାର୍ଯ୍ୟ କରିବାକୁ ଚେଷ୍ଟା କଲା। ଯେତେବେଳେ ଏହି ପ୍ରୟାସକୁ ବିଫଳ କରିଦିଆଗଲା, ଚୀନ ସୈନ୍ୟମାନେ 15 ଜୁନ 2020 ରେ ହିଂସାତ୍ମକ କାର୍ଯ୍ୟ କଲେ ଯାହାଫଳରେ ଅନେକ ମୃତାହତ ହୋଇଥିଲେ।

ଏ ସନ୍ଦର୍ଭରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବଂ ଚୀନର ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀ ୱାଙ୍ଗ ୟି 17 ଜୁନ 2020 ରେ ବାର୍ତ୍ତାଳାପ କରିଥିଲେ ଯେଉଁଥିରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ 15 ଜୁନ 2020 ର ଘଟଣା ତଥା ହିଂସାତ୍ମକ ମୁହାଁମୁହିଁ ସଂଘର୍ଷ ଉପରେ ଦୃଢ ବିରୋଧ କରିଥିଲେ।  ଚୀନ ପକ୍ଷରୁ ଲଗାଯାଇଥିବା ଭିତ୍ତିହୀନ ଆରୋପ ଏବଂ ବରିଷ୍ଠ କମାଣ୍ଡରଙ୍କ ମଧ୍ୟରେ ହୋଇଥିବା ବୁଝାମଣାର ଭୁଲ ଉପସ୍ଥାପନାକୁ ସେ ଦୃଢ ଭାବରେ ଖଣ୍ଡନ କରିଥିଲେ।  ସେ ଆହୁରି ମଧ୍ୟ କହିଥିଲେଯେ ଚୀନ ନିଜର କାର୍ଯ୍ୟର ପୁନଃମୂଲ୍ୟାଙ୍କନ କରିବା ସହିତ ସଂଶୋଧନମୂଳକ ପଦକ୍ଷେପ ନେବା ଉଚିତ।

ସାମଗ୍ରିକ ପରିସ୍ଥିତିକୁ ଦାୟିତ୍ୱପୂର୍ଣ୍ଣ ଢଙ୍ଗରେ ପରିଚାଳନା କରିବା ଏବଂ 6 ଜୁନରେ ହୋଇଥିବା ସୈନ୍ୟ ପ୍ରତ୍ୟାହାର ବୁଝାମଣାକୁ କାର୍ଯ୍ୟକାରୀ କରିବା ପାଇଁ ଦୁଇ ମନ୍ତ୍ରୀ ମଧ୍ୟ ସହମତ ହୋଇଥିଲେ। ଉଭୟ ପକ୍ଷ ନିୟମିତ ଯୋଗାଯୋଗରେ ଅଛନ୍ତି ଏବଂ ସାମରିକ ତଥା କୂଟନୈତିକ ବ୍ୟବସ୍ଥାର ପ୍ରାରମ୍ଭିକ ବୈଠକ ଉପରେ ଆଲୋଚନା ହେଉଛି।

ଆମେ ଆଶା କରୁଛୁଯେ ସୀମାନ୍ତ ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଚୀନ ପକ୍ଷ ଦୁଇ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ବୁଝାମଣାକୁ ଆନ୍ତରିକତାର ସହ ଅନୁସରଣ କରିବେ, ଯାହା ଆମର ଦ୍ୱିପାକ୍ଷିକ ସମ୍ପର୍କର ସାମଗ୍ରିକ ବିକାଶ ପାଇଁ ଅତ୍ୟନ୍ତ ଜରୁରୀ ଅଟେ।"

**ନୂଆଦିଲ୍ଲୀ**

**ଜୁନ 20, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.